StudentBounty.com

No. of Questions : 05]

No. of Printed Pages : 16]

Booklet Sl. No. : ...............................

**PART – II**
**SUBJECTIVE**

Roll No. of the Candidate

| | | | | | | | |
|---|---|---|---|---|---|---|---|
| | | | | | | | |

(Verified and found correct)

Full signature of the Invigilator

Date of Exam : .........................................

**2014**
**AH**

[Time : 1½ Hours

[Full Marks : 50

**REGULAR**
**AR – 01 – FLO**

**SET : A**

**FLO**
**FL – ODIA**

**ଏହି ପ୍ରଶ୍ନସଂଲଗ୍ନ ଉତ୍ତର ଖାତାଟିକୁ ଉକ୍ତପରୀକ୍ଷା ସରିବାପରେ ନିରୀକ୍ଷକଙ୍କୁ ହସ୍ତାନ୍ତର କରିବେ ।**

**: ପରୀକ୍ଷାର୍ଥୀଙ୍କ ନିମନ୍ତେ ସୂଚନା :**

**କ :** ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାଟି ପାଇବା ପରେ ଏହା ଉପରେ ମୁଦ୍ରିତ ଥିବା ପ୍ରଶ୍ନ ସଂଖ୍ୟା ଓ ପୃଷ୍ଠା ସଂଖ୍ୟା ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାର ପ୍ରତ୍ୟେକପୃଷ୍ଠାରେ ପ୍ରଶ୍ନ ସଂଖ୍ୟା ଓ ପୃଷ୍ଠା ସଂଖ୍ୟା ସହିତ ମିଳାଇ ନିଅ । ଏଥିରେ **ସେଟ୍ ସଂକେତ** ପ୍ରତି ପୃଷ୍ଠାରେ ଠିକ୍ ଭାବରେ ଲେଖା ହୋଇଛି କି ନାହିଁ ମଧ୍ୟ ମିଳାଇ ନିଅ ।

**ଖ :** ଯଦି କିଛି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତ୍ରୁଟିଯୁକ୍ତ ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାଟି ପରୀକ୍ଷାଗୃହ ଦାୟିତ୍ୱରେ ଥିବା ନିରୀକ୍ଷକଙ୍କୁ ଫେରାଇ ଆଉ ଗୋଟିଏ ଠିକ୍ ପ୍ରଶପତ୍ର ସଂଲଗ୍ନ ଉତ୍ତରଖାତା ମାଗିନିଅ ।

**ଗ :** ପ୍ରତ୍ୟେକ ପ୍ରଶ୍ନର ତଳେ ଦିଆଯାଇଥିବା ନିର୍ଦ୍ଧାରିତ ସ୍ଥାନରେ ଉତ୍ତର ଲେଖିବାକୁ ହେବ ।

**ଘ :** ଆବଶ୍ୟକ ସ୍ଥଳେ ଶେଷରେ ଦିଆଯାଇଥିବା ଅତିରିକ୍ତ ପୃଷ୍ଠାରେ ଉତ୍ତର ଲେଖାଯାଇ ପାରିବ ।

**FOR USE AT THE EVALUATION CENTRE**

| Q. No. | Marks Awarded | Full Signature of Examiner |
|---|---|---|
| 01 | | Regd. No. |
| 02 | | Regd. No. |
| 03 | | Regd. No. |
| 04 | | Regd. No. |
| 05 | | Regd. No. |

Full Signature of the Scrutiniser

Regd. No.

Full Signature of the Deputy Chief Examiner

Regd. No.

Full Signature of the Chief Examiner

Regd. No.

Total Mark [ ] In Words (..........................................................................................)

Full Signature of the Examiner Who Entered The Total Marks

Regd. No. .........................

Date of Evaluation .........................

StudentBounty.com



## PART – II

*ପରୀକ୍ଷାର୍ଥୀମାନେ ଯଥାସମ୍ଭବ ନିଜ ଭାଷାରେ ଉତ୍ତର ଦେବେ ।*

*ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି ।*

***ସମସ୍ତ*** *ପ୍ରଶ୍ନର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।*

1. (କ) ପ୍ରାୟ **୧୨୦ଟି** ଶବ୍ଦରେ ଉତ୍ତର ଲେଖ । 7

ପଲ୍ଲୀକୋଳକୁ ଫେରି ଯିବାରେ ତାଙ୍କର ନୈତିକ ସାହସ ନାହିଁ ବୋଲି ଲେଖକ କାହିଁକି କହିଛନ୍ତି ?

**କିମ୍ବା**

ମାତୃଭାଷା ହିଁ ଦେଶ ଓ ଜାତିର ପ୍ରଗତିର ପରିଚାୟକ — ଆଲୋଚନା କର ।

ଉତ୍ତର :

StudentBounty.com



(ଖ)ସପ୍ରସଙ୍ଗ ସରଳାର୍ଥ ଲେଖ । (ପ୍ରାୟ **୫୦ଟି** ଶବ୍ଦରେ) 5

ଏହାର ଶେଷଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି ।

**କିମ୍ବା**

ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

ଉତ୍ତର :

StudentBounty.com



2. (କ)ପ୍ରାୟ **୧୨୦ଟି** ଶବ୍ଦରେ ଉତ୍ତର ଲେଖ । 7

ପଠିତ କବିତା ଅନୁସରଣରେ ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର ।

**କିମ୍ବା**

ଏକ ସାର୍ଥକ ଉଦ୍‌ବୋଧନ ଗୀତିକା ଭାବରେ 'ଜାଗ ବନ୍ଧନହରା' କବିତାର ମର୍ମ ଆଲୋଚନା କର ।

ଉତ୍ତର :

StudentBounty.com

StudentBounty.com

(ଖ)ସପ୍ରସଙ୍ଗ ସରଳାର୍ଥ ଲେଖ । (ପ୍ରାୟ **୫୦ଟି** ଶବ୍ଦରେ) 5

ଯେହାନ୍ତ ରଖିଲି ମୁଂ ବଂଶରକ୍ଷାର ନିମନ୍ତେ
ଗତ ଆଗତ ବୁଡ଼ିଲା ଯେ ତୋହୋର କୃତ୍ୟେ ।

**କିମ୍ବା**

ତୋର ମୁକତିରେ ମୋର ମୁକତି ମା
ତୋର ହସେ ମୋର ହସ
ତୋହରି ଅନ୍ତର ଆଦେଶେ ଚ଼ଳେ ମୁଁ
ଘୋଷି ତୋର ମହାଯଶ ।

ଉତ୍ତର :

StudentBounty.com



3. ପ୍ରାୟ **୨୫୦ଟି** ଶବ୍ଦରେ ଯେକୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ । 10

(କ)ସ୍ୱାସ୍ଥ୍ୟ ହିଁ ସମ୍ପଦ

(ଉପକ୍ରମ – ସ୍ୱାସ୍ଥ୍ୟରକ୍ଷାର ଉପାୟ – ସ୍ୱାସ୍ଥ୍ୟପ୍ରତି ଅବହେଳାର କୁପରିଣାମ – ଉପସଂହାର)

(ଖ)ଯୌତୁକ ପ୍ରଥା

(ଉପକ୍ରମ – ଯୌତୁକର ସ୍ୱରୂପ – ଦୂରୀକରଣ ପାଇଁ ପଦକ୍ଷେପ – ଉପସଂହାର)

(ଗ)ତୁମେ ଦେଖିଥିବା ଏକ ଦର୍ଶନୀୟ ସ୍ଥାନ

(ଉପକ୍ରମ – ସ୍ଥାନଟିର ମହତ୍ତ୍ୱ – ଅନୁଭୂତି – ଉପସଂହାର)

ଉତ୍ତର :

StudentBounty.com

StudentBounty.com

StudentBounty.com



4. ପ୍ରାୟ **୧୦୦ଟି** ଶବ୍ଦରେ ଉତ୍ତର ଲେଖ । 6

ତୁମ ଅଞ୍ଚଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବାକୁ ଜିଲ୍ଲାପାଳଙ୍କୁ ଦରଖାସ୍ତ ଲେଖ ।

**କିମ୍ବା**

ପାଠପଢ଼ା ସହିତ ଖେଳକୁଦ କରିବାକୁ ଉପଦେଶ ଦେଇ ତୁମ ସାନ ଭଉଣୀ ନିକଟକୁ ପତ୍ର ଲେଖ ।

ଉତ୍ତର :

StudentBounty.com



5. ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ପ୍ରତିଟି ଉତ୍ତର ପ୍ରାୟ **୨୫ଟି** ଶବ୍ଦରେ ହେବା ଆବଶ୍ୟକ । 2×5 = 10

ଆମ ଦେଶର ସାମଗ୍ରିକ ବିକାଶ ନିମନ୍ତେ ସମୟବଦ୍ଧ ଯୋଜନାର ଆବଶ୍ୟକତା ରହିଛି । କେବଳ ସେତିକି ନୁହେଁ, ସେଗୁଡ଼ିକର ବାସ୍ତବ ରୂପାୟନ ପାଇଁ ବିହିତ ପଦକ୍ଷେପ ମଧ୍ୟ ଏକାନ୍ତ ଜରୁରୀ । ଆଜିକାଲି ପ୍ରାୟତଃ ଦେଖାଯାଉଛି ଯେ ଆମ ଦେଶରେ ଅଧିକାଂଶ ଲୋକ ଘୋର ଅଭାବ ଭିତରେ କାଳାତିପାତ କରୁଛନ୍ତି । ଅଭାବର ବିଷଜ୍ୱାଳା ସେମାନଙ୍କ ମନରୁ ସୁଖଶାନ୍ତି ହରଣ କରିନେଇଛି । ଆପଣାର ଅବସ୍ଥା ଦେଖି ବ୍ୟବସ୍ଥା କରିବା, ଆୟ ଦେଖି ବ୍ୟୟ କରିବାକୁ ସର୍ବଦା ଯତ୍ନ କରିବା ଏ ରୋଗର ଏକମାତ୍ର ଉପାୟ । ଏ ବିଳାସ ଓ ଚାକଚକ୍ୟ ଯୁଗରେ ଏ ଦେଶର ଅବସ୍ଥା ଏପରି ହୋଇଛି ଯେ ପ୍ରତିଲୋକର ଆୟ ଅପେକ୍ଷା ବ୍ୟୟ ପ୍ରାୟ ଅଧିକ ହେଉଅଛି । ସମାଜ ପକ୍ଷରେ ଏହା ଶୁଭ ଲକ୍ଷଣ ନୁହେଁ । ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ସମସ୍ତ ପ୍ରକାର ସରକାରୀ ପ୍ରଚେଷ୍ଟା ଯଦିଓ ସଂପୂର୍ଣ୍ଣ ବିଫଳ ହୋଇନାହିଁ, ତଥାପି ଆଶାନୁରୂପ ସାଫଲ୍ୟ ହାସଲ କରାଯାଇ ପାରିନାହିଁ । ଶିକ୍ଷାର ପ୍ରସାର ହୋଇଛି ସତ, କିନ୍ତୁ ଅନେକ କ୍ଷେତ୍ରରେ ଏହାର ମାନ ହ୍ରାସ ପାଇଅଛି । ଭାରତୀୟ ଶିକ୍ଷା ପଦ୍ଧତି ଶାରୀରିକ ପରିଶ୍ରମ କରିବା ପାଇଁ ବିଶେଷ ପ୍ରେରଣାଦାୟକ ହୋଇପାରି ନାହିଁ । ନାରୀମାନେ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ପାଇଁ ଚାକିରି କରିବା ପ୍ରତି ବିଶେଷ

StudentBounty.com



ଆଗ୍ରହ ପ୍ରକାଶ କରୁଅଛନ୍ତି । ସେମାନଙ୍କ ପ୍ରତି ହେଉଥିବା ସାମାଜିକ ଓ ପାରିବାରିକ ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ଶିକ୍ଷା ଓ ଚାକିରୀ ଉଭୟ ଆବଶ୍ୟକ । ଜନଶକ୍ତିର ସୁବିନିଯୋଗ ନିମନ୍ତେ ବିଶେଷଜ୍ଞମାନେ ଯେଉଁ ସବୁ ପ୍ରସ୍ତାବ ଦେଇ ଆସୁଛନ୍ତି, ସେଗୁଡ଼ିକର ସଫଳ ରୂପାୟନ ପାଇଁ କେବଳ ସରକାର ନୁହେଁ, ସମସ୍ତଙ୍କର ନିଷ୍ଠାପର ସହଯୋଗ ଏକାନ୍ତ ଆବଶ୍ୟକ । ସ୍ୱୟଂ ସହାୟକ ଗୋଷ୍ଠୀଗଠନ ବହୁସଂଖ୍ୟାରେ ଗଢ଼ିଉଠିଲେ ଅନ୍ତତଃ ଗ୍ରାମାଞ୍ଚଳର ଉନ୍ନତି ସାଧିତ ହୋଇପାରିବ । ସ୍ଥାନୀୟ ସମସ୍ୟା, ପରିସ୍ଥିତି ଓ ପରିବେଶକୁ ଚାହିଁ ସେମାନେ ନିଜସ୍ୱ କର୍ମ ସଂସ୍ଥାନର କ୍ଷେତ୍ର ପ୍ରସ୍ତୁତି କରିପାରିବେ ।

**ପ୍ରଶ୍ନାବଳୀ :**

(କ)ଅଧିକାଂଶ ଲୋକ ସୁଖଶାନ୍ତିରେ ରହିପାରୁନାହାନ୍ତି କାହିଁକି ?

ଉତ୍ତର :

(ଖ)ଦେଶର କେଉଁ ଅବସ୍ଥାକୁ ଅଶୁଭଲକ୍ଷଣ ବୋଲି କୁହାଯାଇଛି ?

ଉତ୍ତର :

StudentBounty.com



(ଗ)ଭାରତୀୟ ଶିକ୍ଷା ପଦ୍ଧତିରେ କି ଦୋଷ ଦେଖିବାକୁ ମିଳୁଛି ?

ଉତ୍ତର :

(ଘ)ନାରୀମାନଙ୍କର ଉନ୍ନତି ପାଇଁ କ'ଣ ଆବଶ୍ୟକ ?

ଉତ୍ତର :

(ଙ)ଜନଶକ୍ତିର ସୁବିନିଯୋଗ କିପରି କରାଯାଇପାରିବ ?

StudentBounty.com



ଉତ୍ତର :

StudentBounty.com



## ADDITIONAL PAGES

ଅତିରିକ୍ତ ପୃଷ୍ଠା

StudentBounty.com